# ତୁଳସୀ ମହାତ୍ମ୍ୟ

**ଦୃଷ୍ଟା ସ୍ପୃଷ୍ଟା ତଥା ଧ୍ୟାତା କୀର୍ତ୍ତିତା ନମିତା ଶ୍ରୁତା ।**
**ରୋପିତା ସେବିତା ନିତ୍ୟଂ ପୂଜିତା ତୁଳସୀ ଶୁଭା ।।**
**ନବଧା ତୁଳସୀଂ ନିତ୍ୟଂ ଯେ ଭଜନ୍ତି ଦିନେ ଦିନେ ।**
**ଯୁଗ କୋଟି ସହସ୍ରାଣି ତେ ବସନ୍ତି ହରିର୍ଗୃହେ ॥** (ସ୍କନ୍ଦ ପୁରାଣ ଉକ୍ତି)

ପ୍ରତ୍ୟେକ ଦିନ ତୁଳସୀର ଦର୍ଶନ, ସ୍ପର୍ଶନ, ଧ୍ୟାନ, ଗୁଣକୀର୍ତ୍ତନ, ପ୍ରଣାମ, ଗୁଣ ଶ୍ରବଣ, ରୋପଣ, ଜଳ ପ୍ରଦାନ କରି ସେବନ ଓ ପୂଜା କରିଲେ କଲ୍ୟାଣ ଲାଭ ହୁଏ । ଯେଉଁମାନେ ପ୍ରତିଦିନ ଏହି ନଅ (୯ପ୍ରକାର)ର ତୁଳସୀ ଭଜନ କରନ୍ତି, ସେଇମାନେ ସହସ୍ରକୋଟି ଯୁଗ ପର୍ଯ୍ୟନ୍ତ ବିଷ୍ଣୁଲୋକରେ ବସତି ସ୍ଥାପନ କରନ୍ତି ।

ତୁଳସୀ ଦର୍ଶନରେ ପାପ ଓ ରୋଗ ନାଶ ହୁଏ, ସ୍ପର୍ଶରେ ଶରୀର ଶୁଦ୍ଧ ହୁଏ । ଜଳ ସିଞ୍ଚନରେ ଭୟ ଦୂର ହୁଏ । ରୋପଣ କରିବା ଦ୍ୱାରା ଭଗବଦ୍ ଭକ୍ତି ଲାଭ ହୁଏ ଏବଂ ଶ୍ରୀକୃଷ୍ଣଙ୍କ ଚରଣରେ ଅର୍ପଣ କରିବା ଦ୍ୱାରା ପୂର୍ଣ୍ଣ ଭଗବଦ୍ ପ୍ରେମ ଲାଭ ହୁଏ, ତେଣୁ ତୁଳସୀ ଦେବୀଙ୍କର ଚରଣରେ ସଶ୍ରଦ୍ଧ ପ୍ରଣତି ନିବେଦନ କରେ । (ସ୍କନ୍ଦ ପୁରାଣ) ।

**ତୁଳସୀଙ୍କ ସେବା ଓ ଯତ୍ନ :-**

ଭଗବାନ ବିଷ୍ଣୁଙ୍କ ପୂଜା ନିମିତ୍ତ ତୁଳସୀ ପତ୍ର ଆବଶ୍ୟକ ହୋଇଥାଏ । ତୁଳସୀ ପତ୍ର ସୂର୍ଯ୍ୟୋଦୟ ପରେ, ସୂର୍ଯ୍ୟାସ୍ତ ପୂର୍ବରୁ (ମଧ୍ୟାହ୍ନ ଓ ରାତ୍ରୀ ବ୍ୟତିତ) ତୋଳା ଯାଇଥାଏ । ଏଥିପାଇଁ ଏକ ପାତ୍ର ବିଶେଷ ଭାବରେ ରଖାଯାଇଥାଏ । ଯେତେବେଳେ ତୁଳସୀ ଦେବୀଙ୍କୁ ପରିକ୍ରମା କର ବା ଜଳଦାନ କର, ସେତେବେଳେ ସାବଧାନ ରହିବା ଆବଶ୍ୟକ ଯେ ତୁଳସୀ ଦେବୀଙ୍କର ଯେପରି କୌଣସି କ୍ଷତି ନ ହୁଏ ବା ତାଙ୍କୁ ଆଘାତ ନ ଲାଗେ ।(ଏହା ମନେ ରଖିବା ଉଚିତ୍ ଯେ ତୁଳସୀ ଦେବୀ କୌଣସି ସାଧାରଣ ବୃକ୍ଷ ନୁହନ୍ତି, ସେ କୃଷ୍ଣଙ୍କର ନିତ୍ୟ ପ୍ରେୟସୀ ଯେ ଆମକୁ କୃଷ୍ଣ ପ୍ରେମ ଦେଇପାରନ୍ତି) ।

ତୁଳସୀ ମଞ୍ଜରୀ ପ୍ରକଟ ହେବା ମାତ୍ରେ ଏହାକୁ ଛିଡ଼ାଇ ନେବା ଉଚିତ୍ । ଅନ୍ୟଥା କୌଣସି ତୁଳସୀ ବୃକ୍ଷର କିଛି ଡାଳ ଶୁଖିଯାନ୍ତି ଏବଂ ସେମାନଙ୍କର ସଠିକ୍ ଦେଖାଶୁଣା କରିବା କଠିନ ହୋଇଯିବ । ତୁଳସୀ ମଞ୍ଜରୀକୁ ଶୀଘ୍ର ଛିଣ୍ଡାଇ ଦେବାଦ୍ୱାରା ତୁଳସୀ ବୃକ୍ଷ ମଜଭୁତ ଓ ସୁସ୍ଥ ରହେ ।

ତୁଳସୀ ଦେବୀଙ୍କୁ ଏପ୍ରକାର ସ୍ଥାନରେ ଏପରି ରଖିବା ଉଚିତ୍ ଯେ ପଶୁ ଯେପରି ଏହାର କୌଣସି କ୍ଷତି ନ କରି ପାରିବେ (ପ୍ରକୃତପକ୍ଷେ କୁକୁରମାନଙ୍କର ତୁଳସୀ ବୃକ୍ଷ ଉପରେ ପରିସ୍ରା କରିବାର ଅଭ୍ୟାସ ଅଛି, ତଥା ଛେଳିମାନେ ଏହାକୁ ଖାଇବା ପାଇଁ ପସନ୍ଦ କରନ୍ତି) । ତୁଳସୀ ବୃକ୍ଷକୁ ରାସ୍ତାଠାରୁ ଦୂରରେ ରଖିବା ଉଚିତ ଯେପରି ଲୋକମାନେ ଅନ୍ୟମନସ୍କ ହୋଇ ତାଙ୍କ ଦେହରେ ଗୋଡ଼ ନ ଲଗାନ୍ତି । ପିଲାମାନଙ୍କୁ ଏବଂ ବୟସ୍କମାନଙ୍କୁ ଏପରି ଶିକ୍ଷା ଦିଆଯିବା ଉଚିତ, ଯେ ସେମାନେ ତୁଳସୀ ଦେବୀଙ୍କୁ ସମ୍ମାନ ପ୍ରଦର୍ଶନ କରିବେ । ତୁଳସୀ ଦେବୀ ଗ୍ରୀଷ୍ମ ଋତୁର ଉତ୍ତାପକୁ ସହ୍ୟ କରିପାରନ୍ତି ନାହିଁ, ଏଣୁ ଏହାଙ୍କୁ ଛାଇରେ ରଖିବା ଉଚିତ ।

ଯଦିଓ ତୁଳସୀଙ୍କଠାରେ କିଛି ଔଷଧୀୟ ସଦ୍‌ଗୁଣ ଅଛି, ତଥାପି ଭକ୍ତ ଏହାକୁ ଔଷଧ ସଦୃଶ ଗ୍ରହଣ କରିବା ଉଚିତ୍ ନୁହେଁ । ତୁଳସୀ ଦେବୀ ଶୁଦ୍ଧ ଭକ୍ତ ଅଟନ୍ତି, ତଥା ଆମଦ୍ୱାରା ପୂଜାପଯୋଗୀ ଅଟନ୍ତି । ଭକ୍ତ କେବଳ ଭକ୍ତି ବୃଦ୍ଧି ନିମିତ୍ତ ତୁଳସୀଙ୍କ ସେବା ପୂଜା କରିଥାଏ, ଅନ୍ୟକୌଣସି ଉଦ୍ଦେଶ୍ୟରେ ନୁହେଁ ।

ଭକ୍ତିରେ ତୁଳସୀ ପତ୍ର କେବଳ ବିଷ୍ଣୁତତ୍ତ୍ୱଙ୍କ ଶ୍ରୀବିଗ୍ରହ ତଥା ଛବିର ପାଦପଦ୍ମରେ ଅର୍ପିତ କରାଯାଇଥାଏ । ଅନ୍ୟ କାହାରିକୁ ନୁହେଁ । ଏହାର ଅର୍ଥ ଏପରି ଯେ, ତୁଳସୀପତ୍ର ଶ୍ରୀକୃଷ୍ଣ, ଶ୍ରୀନୃସିଂହ ଦେବ, ଶ୍ରୀ ଜଗନ୍ନାଥ, ବଳଦେବ, ଶ୍ରୀରାମ, ଶ୍ରୀ ଚୈତନ୍ୟ ମହାପ୍ରଭୁ, ଶ୍ରୀ ନିତ୍ୟାନନ୍ଦ ପ୍ରଭୁ, ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟ ଆଦିଙ୍କ ଚରଣ କମଳରେ ଚଢ଼ାଯିବା ଉଚିତ । କିନ୍ତୁ ଶ୍ରୀ ଗଦାଧର ପଣ୍ଡିତ ତଥା ଅନ୍ୟ କୌଣସି ସମ୍ପ୍ରଦାୟର ଆଚାର୍ଯ୍ୟ ଏପରିକି ଶ୍ରୀମତୀ ରାଧାରାଣୀଙ୍କ ଚରଣ କମଳରେ ମଧ୍ୟ ତୁଳସୀ ମଞ୍ଜରୀ ବା ତୁଳସୀ ପତ୍ର ଦିଆଯାଏନାହିଁ ।

## ତୁଳସୀ ଆରତୀ ପ୍ରଣାଳୀ

ତୁଳସୀ ଆରତୀ ପ୍ରାତଃ ସମୟରେ ମଙ୍ଗଳ ଆରତୀ ପରେ ଓ ସନ୍ଧ୍ୟାରେ ସନ୍ଧ୍ୟା ଆରତୀ ପୂର୍ବରୁ କରିବା ବିଧେୟ । ମନ୍ଦିର ବନ୍ଦ କରି ନାଟ ମନ୍ଦିରରେ ଏକ ଚୌକି ବା ବେଦୀରେ ତୁଳସୀ ମହାରାଣୀଙ୍କୁ (କୁଣ୍ଡ) ରଖି ଆରତୀ ନିବେଦନ କରିବେ ।

ଗୋଟିଏ ଥାଳିରେ ଘଣ୍ଟା ଜଳପୂର୍ଣ୍ଣ ପଞ୍ଚପାତ୍ର ଓ ଚାମଚ, ବିଜୋଡ଼ ସଂଖ୍ୟକ ଧୂପ, ଘୃତ ସଳିତା ଯୁକ୍ତ ପ୍ରଦୀପ, ପୁଷ୍ପ ପୂର୍ଣ୍ଣ ଥାଳି ଓ ଜ୍ୱଳନ୍ତ ଦୀପଶିଖା ସଜାଇ ନେବେ । ଘଣ୍ଟା ବଜାଇ ପ୍ରଣାମ ପୂର୍ବକ ତିନିଥର ମନ୍ତ୍ର ଉଚ୍ଚାରଣ କରିବେ, ତାପରେ ଆସନରେ ଛିଡ଼ା ହୋଇ ଧୂପ, ଦୀପ, ଫୁଲ କ୍ରମରେ ଆରତୀ ପ୍ରଣାଳୀ ଅନୁସାରେ କରିବେ । ଆରତୀ କୀର୍ତ୍ତନ ଶେଷରେ ସମସ୍ତ ଭକ୍ତ ତିନିଥର ପ୍ରଦକ୍ଷିଣମନ୍ତ୍ର ଗାନ କରି ତିନି/ଚାରିଥର ପ୍ରଦକ୍ଷିଣ ପରେ ମହାମନ୍ତ୍ର ଓ ଜୟଗାନ କୀର୍ତ୍ତନ କରି ଶେଷ କରିବେ । ପୁଣି ଘଣ୍ଟା ବଜାଇ ତିନିଥର ମନ୍ତ୍ରୋଚ୍ଚରଣ କରି ପ୍ରଣାମ କରିବେ । କେବଳ ପ୍ରାତଃକାଳେ ତିନିଥର ମନ୍ତ୍ର ପଢ଼ି ତିନିଥର ଜଳଦାନ କରିବେ । ତୁଳସୀ ବୃକ୍ଷର ଛାଇ ମାଡ଼ିବେ ନାହିଁ ।

### ତୁଳସୀ ପ୍ରଣାମ ମନ୍ତ୍ରଃ-

**(ଓଁ) ବୃନ୍ଦାୟୈ ତୁଳସୀ ଦେବ୍ୟୈ ପ୍ରିୟାୟୈ କେଶବସ୍ୟ ଚ ।**
**ବିଷ୍ଣୁ ଭକ୍ତି ପ୍ରଦେଦେବୀ ସତ୍ୟବତ୍ୟୈ ନମୋ ନମଃ ॥**

### ଶ୍ରୀତୁଳସୀ ଆରତୀ କୀର୍ତ୍ତନ :-

ନମୋ ନମଃ ତୁଳସୀ ! କୃଷ୍ଣପ୍ରେୟସୀ ନମୋନମଃ ।
ରାଧାକୃଷ୍ଣ ସେବା ପାବ ଏଇ ଅଭିଳାଷୀ ॥
ଯେ ତୋମାର ଶରଣ ଲୟ, ତାର ବାଞ୍ଛା ପୂର୍ଣ୍ଣ ହୟ,
କୃପା କରି କର ତାରେ ବୃନ୍ଦାବନ ବାସୀ ॥
ମୋର ଏଇ ଅଭିଳାଷ, ବିଲାସ କୁଞ୍ଜେ ଦିଓ ବାସ,
ନୟନେ ହେରିବ ସଦା ଯୁଗଳ ରୂପରାଶି ॥
ଏଇ ନିବେଦନ ଧର, ସଖୀର ଅନୁଗତ କର,
ସେବା-ଅଧିକାର ଦିୟେ କର ନିଜ ଦାସୀ ॥

ଦୀନକୃଷ୍ଣ ଦାସ କୟ, ଏଇ ଯେନ ମୋର ହୟ,
ଶ୍ରୀରାଧା-ଗୋବିନ୍ଦ ପ୍ରେମେ ସଦା ଯେନ ଭାସି ॥

**ତୁଳସୀ ପ୍ରଦକ୍ଷିଣ ମନ୍ତ୍ର :-**

**ଯାନି କାନି ଚ ପାପାନି ବ୍ରହ୍ମହତ୍ୟାଦିକାନିଚ ।**
**ତାନି ତାନି ପ୍ରଣଶ୍ୟନ୍ତି ପ୍ରଦକ୍ଷିଣଃ ପଦେ ପଦେ ॥**

**ତୁଳସୀ ଜଳଦାନ ମନ୍ତ୍ର :-**

**ଓଁ ଗୋବିନ୍ଦ-ବଲ୍ଲଭାଂ ଦେବୀଂ ଭକ୍ତ-ଚୈତନ୍ୟ -କାରିଣୀମ୍ ।**
**ସ୍ନାପୟାମି ଜଗଦ୍ଧାତ୍ରୀଂ ବିଷ୍ଣୁ ଭକ୍ତି ପ୍ରଦାୟିନୀମ୍ ॥**

ଏଇ ମନ୍ତ୍ର ତିନିଥର ଉଚ୍ଚାରଣ କରି ତିନିଥର ଜଳ ପ୍ରଦାନ କରିବେ ।

**ତୁଳସୀ ଚୟନ ମନ୍ତ୍ର :-**

**ତୁଳସ୍ୟ ମୃତଜନ୍ମାସି ସଦା ତ୍ୱଂ କେଶବପ୍ରିୟା ।**
**କେଶବାର୍ଥେ ଚିନୋମି ତ୍ୱାଂ ବରଦା ଭବ ଶୋଭନେ ॥**

(ଦ୍ୱାଦଶୀ ତିଥିରେ ତୁଳସୀ ଚୟନ ନିଷେଧ, ତର୍ଜ୍ଜନୀ (ବିଶି ଅଙ୍ଗୁଳି) ଲଗାଇ ଚୟନ ନିଷେଧ । ପୂଜା କରାଯାଉଥିବା ତୁଳସୀ କୁଣ୍ଡରୁ ଚୟନ ମଧ୍ୟ ନିଷେଧ । ପତ୍ର ସହ ମଞ୍ଜରୀ ତୋଳି ନେବେ, ନଚେତ୍ ବୃକ୍ଷ ଶୀଘ୍ର ନଷ୍ଟ ହୋଇଯିବ) ।

**କ୍ଷମା ପ୍ରାର୍ଥନା ମନ୍ତ୍ର:-** **ଚୟାନୋଭବଦୁଃଖଂ ଚ ଯଦ୍ ହୃଦି ତବ ବର୍ତ୍ତତେ ।**
**ତତ୍ କ୍ଷମସ୍ୱ ଜଗନ୍ମାତଃ ବୃନ୍ଦାଦେବୀ ନମୋସ୍ତୁତେ ।**

ହେ ତୁଳସୀ ଦେବୀ ଆପଣଙ୍କୁ ମୋର ସଶ୍ରଦ୍ଧ ପ୍ରଣତୀ ଜଣାଉଛି । ହେ ଜଗନ୍ମାତ, ଆପଣଙ୍କ ପତ୍ର ଓ ମଞ୍ଜରୀ ଚୟନ ସମୟରେ ଯଦି ଆପଣଙ୍କର ହୃଦୟରେ ଦୁଃଖର ଉଦ୍ଭବ ହୋଇଥାଏ, ତେବେ କୃପା କରି ମୋତେ କ୍ଷମା କରନ୍ତୁ ।